# Akashvani, Sambalpur

## SAMBALPURI NEWS MORNING BULLETIN

## 13 July 2026 - 6.47- 6.52 am.

---

ଘଣାଲାଗି ନୀତି     ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଅନବସର ତ୍ରୟୋଦଶୀ ତିଥି ଅବ୍‌ସରେ ଆଏଜ୍ ମାହାପୁରୁମାନ୍‌କର୍ ଘଣାଲାଗି ନୀତି କରାଯିବା । ଇଥିର୍‌ଲାଗି ଗଲାକାଏଲ୍‌ଠାନୁ ସୁନାର୍ କୁଆଁନୁ ୩ ଗରିଆ ପାଏନ୍ ଶୁଦ୍ଧ ସୁଆର୍‌ଙ୍କର୍ ଘରେ ବିଜେ ହେବାର୍ ଉତ୍‌ରୁ ଦିବ୍ୟପ୍ରଲେପ ଖଳି ଭିଲ୍ ପ୍ରସ୍ତୁତ୍ କରାଯାଇଛେ । ଆଏଜ୍ ମାହାପୁରୁମାନ୍‌କର୍ ଘଣାଲାଗି ଉତ୍‌ରୁ ସେହି ଖଳିକେ ଶୁଦ୍ଧ ସୁଆରଙ୍କର୍ ଘରୁ ଘଂଟଘଂଟା ଆଉ ପଟୁଆର୍‌ଥି ସୂର୍ଯ୍ୟସ୍ତ ଆଘୋନୁ ଶ୍ରୀମନ୍ଦିର୍‌କେ ବିଜେ କରାଯିବା । ତାର୍ ଉତ୍‌ରୁ ଖଳିଲାଗି ହେଇକରି ମହାପ୍ରଭୁଙ୍କର୍ ଶ୍ରୀମୁଖ ଓତା ପଡ଼୍‌ବା ।

ଆଏବା କାଏଲ୍ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ନବଯୌବନ ଦର୍ଶନ୍ ହେବା । ମାହାପୁରୁମାନ୍‌କର୍ ଦର୍ଶନ୍ ଖୁବ୍ କମ୍ ସମିଆ ଲାଗି ରହେବା ।

ଦୁଇପହରର୍ ୨ ବଜେନୁ ସାହାଣମେଳା ଦର୍ଶନ୍ ମୁଲ୍ ହେବା । ୧୫ ତାରିଖ୍ ଦିନ ଉଆଁସ୍ ଆଉ ରଥଯାତ୍ରା ଲାଗି ଖାସ୍ ନୀତିକାନ୍ତି ଥିବାର୍‌ନୁ ନବଯୌବନ୍ ଦର୍ଶନ୍‌କେ କମ୍ ସମିଆ ଲାଗି ରଖିବାର୍‌କେ ନିଷ୍ପେତି ନିଆଯାଇଛେ ।

ପୁରୀ ସମନ୍ୱୟ ବୈଠକ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର୍ ସୁପରିଚାଳନା ଲାଗି ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ପୁରୀ ଟାଉନ୍‌ହଲ୍ ଠାନେ ସମନ୍ୱୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଭକ୍ତମାନ୍‌କର୍ ଲାଗି ସୁରକ୍ଷିତ୍ ଆଉ ସବୁ ପ୍ରକାରର୍ ବ୍ୟବସ୍ଥାକେ ସୁନିଶ୍ଚିତ୍ କର୍‌ବାର୍ ଉପ୍‌ରେ ଜିଲ୍ଲାପାଲ୍ ଜୋର୍ ଦେଇଛନ୍ । ଇଥି ଜିଲ୍ଲା ପ୍ରଶାସନ୍‌ର ସବୁ କାର୍ଯ୍ୟନିର୍ବାହୀ ଅଧିକାରୀ ଆଉ ପୁଲିସ୍ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ମନ୍ କି ବାତ୍          ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ୧୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୪ ତାରିଖତକ୍ ଲୁକେ ନିଜର୍ ମତାମତ୍ ଦେଇପାର୍‌ବେ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଇ ଶୁଣାଣିକେ ବନ୍ଦ୍ ରଖାଯାଇଛେ ।

ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ସଫେଇ ମିତ୍ର          ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ସଫେଇ ମିତ୍ରମାନ୍କର୍ ଅବଦାନ୍କେ ସମ୍ମାନ୍ ଜାନବାର୍ ଆଉ ସୁରକ୍ଷିତ୍ ଆଉ ଯାନ୍ତ୍ରିକ ସ୍ୱଚ୍ଛତା ବ୍ୟବସ୍ଥାକେ ତହଁକାବାର୍ ଲାଗି ଆଏବାକାଏଲ୍ ରାଜ୍ୟର୍ ସବୁ ସହରାଂଚଲ୍, ସ୍ଥାନୀୟ ସଂସ୍ଥା ନ 'ନମସ୍ତେ' ଦିବସ ପାଲନ୍ କରାଯିବା । ଇ ବାବ୍ଦେ ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍ଫୁ ସବୁ ମହାନଗର୍ ନିଗମ୍, ପୌରପାଳିକା ଆଉ ବିଜ୍ଞପିତ ଅଂଚଳ ପରିଷଦ୍କେ ନିର୍ଦ୍ଦେଶ୍ ଜାରି କରାଯାଇଛେ । କେନ୍ଦ୍ର ସର୍କାର୍ଙ୍କର୍ ସାମାଜିକ ନ୍ୟାୟ ଆଉ ସଶକ୍ତିକରଣ୍ ମନ୍ତ୍ରଣାଳୟ ଆର୍ ଗୃହ ଆଉ ସହରାଂଚଲ୍ ବ୍ୟାପାର୍ ମନ୍ତ୍ରଣାଳୟ ତର୍ଫୁ ଇ ଦିବସ୍ ପାଲନ୍ କରାଯାଉଛେ ।

ସ୍ୱାସ୍ଥ୍ୟମନ୍ତ୍ରୀ          ହି.ସ.

ବଲାଙ୍ଗିର୍ ଜିଲ୍ଲା ପୁଇଁତଲା ବ୍ଲକ୍ ସାଉଁନ୍ତପୁର୍ ଠାନେ ହେଇଥିବା ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ୍ କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପୁଇଁତଲାର ୧୦ ଆଉ ୧୨ ଶ୍ରେଣୀଥି ଭଲ୍ ପ୍ରଦର୍ଶନ୍ କରିଥିବା ମେଧାବୀ ଛାତ୍ରଛାତ୍ରୀମାନ୍‌କୁ ସମ୍ବର୍ଦ୍ଧିତ କରିଛନ୍ । ଛାତ୍ରଛାତ୍ରୀମାନ୍‌କର୍ ବ୍ୟବହାରିକ୍ ଜ୍ଞାନ୍‌ର ବିକାଶ୍ ଆଉ ସର୍ବାଙ୍ଗୀନ୍ ଉନ୍ନତି ଲାଗି ଜାତୀୟ ଶିକ୍ଷାନୀତି ଗୁଟେ ଯୁଗାନ୍ତକାରୀ ପଦକ୍ଷେପ୍ ବଲି ମନ୍ତ୍ରୀ ଡ. ମହାଲିଙ୍ଗ୍ ଇ ଅବ୍‌ସରେ କହିଛନ୍ ।

ଛାତ୍ରୀନିବାସ ଉଦ୍‌ଘାଟନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂଶାସିତ୍ ମହାବିଦ୍ୟାଲୟ ପରିସର୍ ନ ଶହେ ଶଯ୍ୟାର ଅତ୍ୟାଧୁନିକ୍ ଛାତ୍ରୀନିବାସକେ କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ ଗଲାକାଏଲ୍ ଉଦ୍‌ଘାଟନ୍ କରିଛନ୍ । ସ୍ଥାନୀୟ ଇଲାକାର୍ ବକାଶ୍ ସର୍‌କାର୍‌ଙ୍କର୍ ପହେଲା ପ୍ରାଥମିକତା ବଲି

କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସାଂସଦ୍ କହିଛନ୍ ।

ଓଜେୟୁ - ବୈଠକ          ସୁବର୍ଣ୍ଣପୁର୍ ସମ୍ବାଦଦାତା

ଓଡ଼ିଶା ସାମ୍ବାଦିକ୍ ସଂଘ- ଓଜେୟୁ ର କାର୍ଯ୍ୟକାରିଣୀ ବୈଠକ୍ ଆଉ ସୁବର୍ଣ୍ଣପୁର୍ ଜିଲ୍ଲା ଶାଖାର୍ ବାର୍ଷିକ ଉତ୍ସବ୍ ଗଲାକାଏଲ୍ ସୁବର୍ଣ୍ଣପୁର୍ ଜିଲ୍ଲା ନ ହେଇଯାଇଛେ । ବୈଠକ୍‌ଥି ବିଧାୟକ୍ ରଘୁନାଥ ଜଗ୍‌ଦଲା ଜିଲ୍ଲାପାଲ୍, ଆରକ୍ଷୀ ଅଧୀକ୍ଷକ୍ ପ୍ରମୁଖ ଅତିଥି ଭାବେ ଯୋଗ୍ ଦେଇକରି ସାମ୍ବାଦିକତାର୍ ଭିନ୍ ଭିନ୍ ଆହ୍ୱାନ୍ ବାବ୍‌ଦେ ଆଲୋଚନା କରିଥିଲେ । ଇ ଅବ୍‌ସରେ ସାମ୍ବାଦିକଙ୍କର୍ ସୁରକ୍ଷା, ସ୍ୱାଧୀନତା ଆଉ ଅଧିକାର୍ ଶୀର୍ଷକ୍ ଗୁଟେ ଆଲୋଚନାଚକ୍ର ଭିଲ୍ ହେଇଯାଇଛେ ।

ବରିଷ୍ଠ ପେନାକ୍ ସିଲାଟ୍ ଚାମ୍ପିଅନ୍‌ସିପ୍    /ଆର୍‌ଏନ୍‌ୟୁ/ ସମ୍ବଲପୁର

ମେଘାଲୟର ସିଲଙ୍ଗ୍ ଠାନେ ହେଇଥିବା ୧୪ ନମ୍ବର୍ ଜାତୀୟ ବରିଷ୍ଠ ପେନାକ୍ ସିଲାଟ୍ ଚାମ୍ପିଅନ୍‌ସିପ୍‌ଥି ଓଡ଼ିଶାକେ ଗୁଟେ ସ୍ୱର୍ଣ୍ଣ ଆଉ ୬

ଟା ବ୍ରୋଂଚ୍ ପଦକ୍ ମିଳିଛେ । ୩୧ ଝନିଆ ଓଡ଼ିଶା ଦଲ୍ ଇ ଚମ୍ପିଆନ୍‌ସିପ୍‌ଥି ଭାଗ୍ ନେଇଥିଲେ । ଓଡ଼ିଶା ଦଲ୍‌ର ଇ ସଫଲତା ଲାଗି ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍‌ର କମିଶନର୍ ଆଉ ସଚିବ ଭୂପେନ୍ଦର୍ ସିଂ ପୁନିଆ, କ୍ରୀଡ଼ା ନିର୍ଦ୍ଦେଶକ୍ ଡକ୍ଟର୍ ୟେଦୁଲା ବିଜୟ ପ୍ରମୁଖ ପ୍ରତିଯୋଗୀମାନ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ଅନିମେଷ କୁଜୁର୍- ଖେଲ୍ ହି.ସ.

ଜର୍ମାନୀ ନ ହେଇଥିବା ଫାଷ୍ଟ ଆର୍ମସ୍- ଫାଷ୍ଟ ଲେଗ୍‌ସ୍ ଶହେ ମିଟର୍ ଦୌଡ଼କେ ୧୦ ଦଶ୍‌ମିକ୍ ୧/୪ ସେକେଣ୍ଡ୍‌ଥି ଶେଷ୍ କରିକରି ଓଡ଼ିଶାର୍ ଧାବକ୍ ଅନିମେଷ୍ କୁଜୁର୍ ନୂଆଁ କିର୍ତିମାନ୍ ଥାପ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କୁ ଶୁଭେଚ୍ଛା ଜନେଇକରି କହିଛନ୍, ବିଶ୍ୱ ଏଥ୍‌ଲେଟିକ୍ ମଂଚଥି ଇ ଚମତ୍କାର୍ ପ୍ରଦର୍ଶନ୍ ରାଜ୍ୟର୍ ଯୁବ ଖେଲାଳୀମାନ୍‌କୁ ଆଗ୍‌କେ ବଢ଼୍‌ବାର୍ ଲାଗି ପ୍ରେରଣା ଯୁଗାବା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କର୍ ଉଜ୍ଜ୍ୱଲ୍ ଭବିଷ୍ୟତ୍‌ର କାମ୍‌ନା କରିଛନ୍ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାର୍‌ନୁ ଭିନ୍ ଭିନ୍ ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ । ସେଆଡ଼େ ପଶ୍ଚିମବଙ୍ଗ୍ ଆଉ ତାର୍ ପାଖର୍ ବାଂଲାଦେଶ୍ ଉପ୍‌ରେ ସକ୍ରିୟ ଘୂର୍ଣ୍ଣିବଳୟ ଆଏବା କାଏଲ୍‌ତକ୍ ଲଘୁଚାପ୍‌ଥି ବଦ୍‌ଲିବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ଆଏବା ୭ ଦିନ୍‌ତକ୍ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, କଲାହାଣ୍ଡି ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ଗରମ୍ ଆଉ ଗୁଳଗୁଳିକେ ନେଇକରି ୧୧ ଟା ଜିଲ୍ଲାକେ ସତର୍କ କରାଯାଇଛେ । ଇ ବଛର୍ ମୌସୁମୀଥି ଜୁନ୍ ୧ ତାରିଖ୍‌ନୁ ଏବ୍‌ତକ୍ ରାଏଜେ ହାରାହାରି ୩ ଶହ ୪୮ ଦଶ୍‌ମିକ୍ ୧ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ । ଯେନ୍‌ଟା ସ୍ୱାଭାବିକ୍‌ନୁ ୮ ପ୍ରତିଶତ୍ ଅଏତ୍‌କା ଆଏ ।

ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୧୦ ଦଶ୍ମିକ୍ ୭/୫ ଫୁଟ୍ ରହିଥିଲା । ଇ ସମିଆଥି ୨ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍ଥି ୫୩ ହଜାର୍ ଶହେ ୯ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୨୯ ହଜାର୍ ୩୮ ଘନଫୁଟ୍ ପାଏନ୍ ଜଲ୍ଭଣ୍ଡାର୍କେ ଆସୁଛେ ।